# ଅନ୍ୟର ଅଧିକାରପ୍ରତି ସଚେତନ ହେବା ଆମର କର୍ତବ୍ୟ

ଭୁବନେଶ୍ୱର ୧୦/୧୨/୨୦୧୬: ଆଜି ସ୍ଥାନୀୟ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ପକ୍ଷରୁ ମାନବାଧିକାର ଦିବସ ଅବସରରେ "ମାନବାଧିକାର ପାଇଁ ଦୃଢ଼ ଭାବରେ ଛିଡହେବା" ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି । ମନୁଷ୍ୟର ଉତ୍ପତି ବେଳଠାରୁ ଦୁର୍ବଳ ଉପରେ ସବଳର ଅତ୍ୟାଚାର ରହିଅଛି ଏବଂ ଏହି ଅତ୍ୟାଚାରରୁ ମନୁଷ୍ୟକୁ ରକ୍ଷାକରିବା ପାଇଁ ଏଭଳି ଏକ ସାମାଜିକ ବ୍ୟବସ୍ଥା ଆସିଲା । ଏହା ଏକ ଐତିହାସିକ ବିବର୍ତନ ବାଦର ଧାରା ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋ ମତବ୍ୟକ୍ତ କରିଥିଲେ । ମାନବିକ ଅଧିକାରର ଶୋଷଣମୁକ୍ତ ଏବଂ ତାହାର ସୁରକ୍ଷା ରାଷ୍ଟ୍ରର କର୍ତବ୍ୟ ବୋଲି ସେ କହିଥିଲେ । ଅଜ୍ଞତା ଏବଂ ଭୟ ମାନବିକ ଅଧିକାରର କ୍ଷୁର୍ଣ୍ଣର ମୂଳ କାରଣ । ପ୍ରତ୍ୟେକ ମନୁଷ୍ୟ ନିଜର ଅଧିକାର ସାବ୍ୟସ୍ତ କରିବା ସହିତ ଅନ୍ୟର ଅଧିକାର ପ୍ରତି ସଚେତନ ରହିବା ଦରକାର ବୋଲି ଶ୍ରୀ କାନୁନ୍‌ଗୋ ଅହ୍ୱାନ ଦେଇଥିଲେ ।

ଅନ୍ୟତମ ବକ୍ତା ସିଭିଲ ସୋସାଇଟି ଫୋରମର ଆବାହକ ଧୀରେନ୍ଦ୍ର ପଣ୍ଡା ମାନବିକ ଅଧିକାରର ସଂପର୍କରେ ବିଶଦ ଆଲୋଚନା କରିଥିଲେ । ନାରୀ, ଦଳିତ, ସାଂପ୍ରଦାୟିକ ଅତ୍ୟାଚାର ମାନବ ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ମାନବ ଅଧିକାରକୁ ସୁରକ୍ଷା ଦେବାକୁ ପ୍ରତ୍ୟେକ ମନୁଷ୍ୟକୁ ନିର୍ଭୀକ ଭାବରେ ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସେ ଆହ୍ୱାନ କରିଥିଲେ ।

ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତିର ମୁଖପାତ୍ର ପ୍ରଶାନ୍ତ ପାଇକରାୟ ପ୍ରତ୍ୟେକ କ୍ଷେତ୍ରରେ ମାନବିକ ଅଧିକାରର ଉଲଂଘନ ହେଉଛି ବୋଲି ମତବ୍ୟକ୍ତ କରିଥିଲେ । ଅନେକ କର୍ପୋରେଟର ଏହାର ମୁଖ୍ୟ କାରଣ ଏବଂ ସେମାନଙ୍କଦ୍ୱାରା ଗଣମାଧମ କେତେକାଂସରେ ନିୟନ୍ତ୍ରିତ ବୋଲି ସେ କହିଥିଲେ । ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଅନେକ ସ୍ଥାନରେ ଏହା ଏକ ପର୍ବ ଭଳି ପାଳନ କରାଯାଉଛି ଏବଂ ଯେଉଁମାନେ ମାନବାଧିକାର ଉଲଂଘନ ବିରୋଧରେ ଲଢେଇ କରନ୍ତି ସେମାନଙ୍କ ଆଗରେ ଏହି ପ୍ରସଙ୍ଗ ପ୍ରଥମେ ଆସେ ବୋଲି କହିଥିଲେ । ଯୁବପିଢ଼ୀ କେବଳ ଏହା ବିରୁଦ୍ଧରେ ଲଢେଇ କରିପାରିବ ବୋଲି ସେ ଆହ୍ୱାନ ଦେଇଥିଲେ ଏବଂ ନାଗରୀକ ଅଧିକାରର ବିଭିନ୍ନ ଧାରା ବିଷୟରେ ସେ ତାଂକର ମତବ୍ୟକ୍ତ କରିଥିଲେ ।

ଅନ୍ୟତମ ବକ୍ତା ଭାବରେ ଜାତୀୟ ମାନବାଧିକାର କମିଶନର ସଦସ୍ୟ ମନୋଜ ଜେନା ମାନବିକ ଅଧିକାରର ସୁରକ୍ଷା ପ୍ରତ୍ୟେକ ମନୁଷ୍ୟର ଦାୟୀତ୍ୱ ବୋଲି ବୁଝାଇଥିଲେ । ମନୁଷ୍ୟ ବ୍ୟକ୍ତି କୈନ୍ଦ୍ରୀକ ନ ହୋଇ ନିର୍ଭିକ ଭାବରେ ପରସ୍ପର ପ୍ରତି ସାହାଯ୍ୟ ସହଯୋଗର ମନବୃତି ରଖିଲେ ଏହାର ସୁରକ୍ଷା ହୋଇପାରିବ ବୋଲି ସେ କହିଥିଲେ ।

ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍‌ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅଧାପକ ରଘୁନାଥ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧାପକ ଅଧାପିକା ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।